For keeping these two important components of enviroment we should follow few things :

1. We can use smoke less chulhas.
2. Instead of burning leaves we can make compost.
3. Instead of using fuel wood we can use Biogas for cooking.
4. Avoid to use the water bodies for bathing and washing.
5. Avoid discharge domestic waste and industrial waste in the water body.

## Sanitation & Hygiene

Keeping our health in good condition, it is necessary to keep the village surroundings clean. For the point of sanitation and hygiene, we should keep few things in our mind :

1. Instead of keeping the cattle inside the house we may keep it in a separate cattle shed.
2. Instead of open drainage systems we may use closed drainage systems and keep the surroundings of the well and hand pump clean and dry to avoid water borne diseases.
3. Avoid to eat the contaminated food items.
4. Instead of open latrine system we can use latrines constructed with septic tank.
5. Provide proper vaccination for the children in appropriate time.




## Ideal Sustainable Village

In the villages the available natural resources are remarkable. It is necessary to create awareness among the villagers to properly utilize the available natural resources and self sustainable. An ideal sustainable village requires the following things :

1. Social forestry
2. Use of natural manure
3. Conservation of Rain and Ground Water
4. Use of Non-conventional energy sources
5. Use of Biogas
6. Multiple farming and intercropping
7. New irrigation systems
8. Use of Bio insecticides & pesticides
9. Use of infertile and waste lands for fodder cultivation
10. Encouraging cottage industries.


Most of the villagers feel that the environmental protection and other issues related to environment are too complex to be tackled by anyone other than government or scientific institutions. What can a villager do about some of these issues ? There are many issues of concern in our daily village life-Basic education, Pollution, Consumption of fuel, Garbage, Sanitation etc. Small action of a villager can make a difference to these issues.

# ସହନୀୟ ଗ୍ରାମ୍ୟ ଜୀବନ

(ଭ୍ରାମ୍ୟମାଣ ପ୍ରଦର୍ଶନୀ)

# Sustainable Village Life

(Exhibition on Wheels)



ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ
ଆଚାର୍ଯ୍ୟବିହାର, ପୋ.ଅ. - ଆର.ଆର.ଏଲ୍.
ଭୁବନେଶ୍ୱର - ୭୫୧ ୦୧୩

**Regional Museum of Natural History**
**Acharya Vihar, P.O. - R.R.L.**
**Bhubaneswar - 751 013**

## ସହନୀୟ ଗ୍ରାମ୍ୟ ଜୀବନ

ଭାରତ ବିଷୟରେ କୁହାଯାଏ ଯେ ଏଠାକାର ଜମି ଉର୍ବର ମାତ୍ର ଏହାର ଲୋକ ଗରିବ। ଏହା ସତ ଯେ ସଂପୂର୍ଣ୍ଣ ବିଶ୍ୱର ପରିବେଶର ଅଧୋଃପତନ ହୋଇ ଆସୁଛି। ସହନୀୟ ବିକାଶକୁ ସୁନିଶ୍ଚିତ କରିବାକୁ ହେଲେ ବର୍ତ୍ତମାନର ପରିବେଶକୁ ସଂରକ୍ଷିତ କରିବା ଉଚିତ୍ ଏବଂ ପରିବେଶରେ ଦେଖାଯାଉଥିବା ଅଭାବକୁ ସୁଧାରିବା ନିହାତି ଦରକାର।

ଆମର ପୂର୍ବପୁରୁଷମାନେ ପରିବେଶର ପାଞ୍ଚଟି ତତ୍ତ୍ୱ ଯଥା :- ଆକାଶ, ବାୟୁ, ଅଗ୍ନି, ଜଳ ଓ ମାଟିକୁ 'ପଞ୍ଚଭୁତ' ଆଖ୍ୟା ଦେଇଛନ୍ତି। ସେମାନେ ଏହି ତତ୍ତ୍ୱ ସବୁକୁ ଈଶ୍ୱର ରୂପେ ସମ୍ମାନ କରୁଥିଲେ। ଏବେ ଏଥିରୁ ଚାରୋଟି ତତ୍ତ୍ୱ ଉପରେ ବିପଦ ଦେଖାଦେଲାଣି। ଯାହାଦ୍ୱାରା ମନୁଷ୍ୟ ଉପରେ ମଧ ସଂକଟ ମାଡ଼ି ଆସିଲାଣି। କାରଣ ଆମେ ବାୟୁ, ଅଗ୍ନି, ଜଳ ଏବଂ ଭୂମିର ଦୂରୁପଯୋଗ ଓ ଅତିମାତ୍ରାରେ ବିନିଯୋଗ କରୁଛୁ। ପରିବେଶର ଏହି ଉପାଦାନଗୁଡ଼ିକୁ ବଞ୍ଚାଇବା ପାଇଁ ପରିବେଶର ସଂରକ୍ଷଣ ଅତି ଆବଶ୍ୟକ ଯାହାଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତ ଦାୟାଦଙ୍କର ହିତ ସାଧନ ହେବ। ଗ୍ରାମୀଣ ଲୋକମାନଙ୍କ ଅବଗତି, ସେମାନଙ୍କ ନୂତନ ଚିନ୍ତାଧାରା, ସମସ୍ତଙ୍କୁ ସୁହାଇବା ଭଳି ଜ୍ଞାନ କୌଶଳ ଆଦି ଜୈବ ବିବିଧତାର ସଂରକ୍ଷଣ ଓ ଏହାର ଉପାଦାନଗୁଡ଼ିକର ସହନୀୟ ଉପଯୋଗ ଲାଭଦାୟକ ହେବ।

ଆଜିକାଲି ଗାଁ ଗହଳିର ଲୋକମାନେ ଯେଉଁ ପରିବଶେ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେଉଛନ୍ତି, ସେ ସବୁର ଏବଂ ପରିବେଶ ବିଷୟରେ ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ, ଭୁବନେଶ୍ୱର ଏହି ଭ୍ରାମ୍ୟମାଣ ପ୍ରଦର୍ଶନୀର ବ୍ୟବସ୍ଥା କରିଛି।

ଏହି "ସହନୀୟ ଗ୍ରାମ୍ୟ ଜୀବନ" ପ୍ରଦର୍ଶନୀର ବ୍ୟବସ୍ଥା ଏପରି କରାଯାଇଛି ଯେ, ଯେଉଁଠାରେ ଆପଣମାନେ ପରିବେଶ ସୁରକ୍ଷା ଏବଂ ସହନୀୟ ଗ୍ରାମ୍ୟ ଜୀବନ ମଧ୍ୟରେ ସଂପର୍କ ସ୍ଥାପନ କରିପାରିବେ।

## ବିଶୁଦ୍ଧ ବାୟୁ ଓ ଜଳ

ସଂଶ୍ଳେଷ ଓ ଶ୍ୱସନ ପ୍ରକ୍ରିୟାର ପ୍ରାଥମିକ ଉତ୍ସ ବାୟୁ ଅଟେ। ଯାହା ଉପରେ ବିଶ୍ୱର ସମସ୍ତ ଜୀବଜଗତ ନିର୍ଭର କରେ। ନିଶ୍ୱାସ ପ୍ରଶ୍ୱାସରେ ଦୂଷିତ ବାୟୁ ସେବନ ନିଶ୍ଚୟ ବିପଦ୍‌ଜନକ, କେବେକେବେ ଏହି କାରଣରୁ ମୃତ୍ୟୁ ମଧ ହୋଇଥାଏ। ଘର ଭିତରେ କାଠ ଓ ଘସି ଜାଳିବା ଦ୍ୱାରା ନିର୍ଗତ ହେଉଥିବା ଧୂଆଁ ଓ ସେଠାକାର ଅନ୍ୟ ପ୍ରଦୂଷକ ବାୟୁକୁ ଦୂଷିତ କରିଦିଅନ୍ତି। ଶୁଖିଲା ପତ୍ର ଏବଂ ଅଳିଆ ଆବର୍ଜନାକୁ ଜଳାଇବା, ଡିଜେଲ୍ ପମ୍ପ ଚଳାଇବା, ଆଖପାଖର କାରଖାନାରୁ ବାହାରୁଥିବା ଧୂଆଁ ଦ୍ୱାରା ବାହାରର ବାୟୁ ପ୍ରଦୂଷିତ ହୁଏ ଏବଂ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଉତ୍ପନ୍ନ ହୁଏ।

ଜୀବନ ଧାରଣ ପାଇଁ ଜଳ ଆବଶ୍ୟକ। ଏହା କେବଳ ମନୁଷ୍ୟ ପାଇଁ ହିଁ ନୁହେଁ, ବୃକ୍ଷଲତା ଓ ଅନ୍ୟ ଜୀବମାନଙ୍କ ପାଇଁ ମଧ ଆବଶ୍ୟକ। ଜଳରୁ ହିଁ ଜୀବର ସୃଷ୍ଟି ଏବଂ ପ୍ରତ୍ୟେକ ଜୀବର ଜୀବକୋଷରେ ଜଳ ହିଁ ମୌଳିକ ଉପାଦାନ ଭାବରେ ଥାଏ। ଆମ ଶରୀର ଓଜନର ଶତକଡ଼ା ୬୫ ଭାଗ ଜଳ ଅଟେ। ଆମେ ସବୁ ପ୍ରକାର ଘରୋଇ କାର୍ଯ୍ୟରେ ଯଥା : - ରୋଷେଇ କରିବା, ଲୁଗାପଟା ସଫା କରିବା, ଗାଧୋଇବା ଓ ସଫାଇ ଆଦି କରିବାରେ ଜଳର ଉପଯୋଗ କରୁ।

ପରିବେଶର ଏହି ଦୁଇ ମହତ୍ତ୍ୱପୂର୍ଣ୍ଣ ଉପାଦାନକୁ ସ୍ୱଚ୍ଛ ରଖିବା ପାଇଁ ଆମେ ଏହି ନିମ୍ନଲିଖିତ କାମ କରିବା ଉଚିତ୍।

୧. ଧୂଆଁ ବିହୀନ ଚୂଲି ବ୍ୟବହାର କରିବା।
୨. ପତ୍ରଗୁଡ଼ିକ ନ ଜଳାଇ କମ୍ପୋଷ୍ଟ ଖତ ତିଆରି କରିବା।
୩. ଖାଦ୍ୟ ପ୍ରସ୍ତୁତି ପାଇଁ କାଠ ପରିବର୍ତ୍ତେ ଗୋବରଗ୍ୟାସ ବ୍ୟବହାର କରିବା।
୪. ଜଳସ୍ରୋତର କିଛି ଦୂରରେ ଲୁଗାପଟା ସଫା କରିବା ଓ ପଶୁମାନଙ୍କୁ ଗାଧୋଇ ଦେବା।
୫. ଘରୁ ଏବଂ କଳକାରଖାନାରୁ ନିର୍ଗତ ଆବର୍ଜନା ଜଳସ୍ରୋତରେ ନ ଛାଡ଼ିବା।

## ସଫାଇ ଓ ସ୍ୱାସ୍ଥ୍ୟ ରକ୍ଷା

ଆମ ଶରୀରକୁ ସୁସ୍ଥ ରଖିବା ପାଇଁ ଗ୍ରାମର ଚତୁଃପାର୍ଶ୍ୱ ପରିଷ୍କାର ରଖିବା ନିହାତି ଆବଶ୍ୟକ। ଯେଉଁଥିପାଇଁ ଆମେ ନିମ୍ନଲିଖିତ ତଥ୍ୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

୧. ଗାଈ ଗୋରୁଙ୍କୁ ଘରେ ନ ବାନ୍ଧି ତାଙ୍କ ପାଇଁ ଅଲଗା ଗୁହାଳ ତିଆରି କରିବା ଆବଶ୍ୟକ
୨. ଆବର୍ଜନା ନିଷ୍କାସନ ପାଇଁ ଖୋଲା ନାଳୀ ପରିବର୍ତ୍ତେ ଢଙ୍କା ହୋଇଥିବା ନାଳୀ ତିଆରି କରିବା ଓ ଜଳ ଜନିତ ରୋଗରୁ ରକ୍ଷା ପାଇବା ପାଇଁ କୂଅ ଓ ନଳକୂପର ଆଖପାଖ ସଫାସୁତୁରା ଓ ଶୁଖିଲା ରଖିବା ଉଚିତ୍।
୩. ସଂକ୍ରମିତ ଖାଦ୍ୟ ପଦାର୍ଥ ଖାଇବା ଉଚିତ୍ ନୁହେଁ।
୪. ଖୋଲା ପଡ଼ିଆରେ ଝାଡ଼ା ନ ଯାଇ ମଳକୁଣ୍ଡ ଯୁକ୍ତ ପାଇଖାନା ବ୍ୟବହାର କରିବା ଉଚିତ୍।
୫. ପିଲାମାନଙ୍କୁ ଉଚିତ୍ ସମୟ ବ୍ୟବଧାନରେ ଟୀକାକରଣ କରିବା ଉଚିତ୍।

## ଆଦର୍ଶ ସହନୀୟ ଗ୍ରାମ

ଗ୍ରାମରେ ପ୍ରାକୃତିକ ଉତ୍ସ ପ୍ରଚୁର ମାତ୍ରାରେ ଥାଏ। ଉପଲବ୍ଧ ପ୍ରାକୃତିକ ଉତ୍ସଗୁଡ଼ିକର ଉଚିତ୍ ଭାବରେ ବ୍ୟବହାର କରିବା ଦିଗରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଆବଶ୍ୟକ। ଗୋଟିଏ ଆଦର୍ଶ ସହନୀୟ ଗ୍ରାମ ପାଇଁ ନିମ୍ନ ଉପାଦାନ ଆବଶ୍ୟକ। ଯଥା :-

୧. ସାମାଜିକ ବନୀକରଣ
୨. ପ୍ରାକୃତିକ ଖତର ଉପଯୋଗ
୩. ଭୂଜଳ ଓ ବର୍ଷା ଜଳର ସଂରକ୍ଷଣ
୪. ଅପ୍ରଚଳିକ ଶକ୍ତି ଉତ୍ସର ଉପଯୋଗ
୫. ଗୋବର ଗ୍ୟାସର ଉପଯୋଗ
୬. ବହୁ ଫସଲି ଓ ସମାହିତ ଫସଲି ଚାଷ ପ୍ରଣାଳୀର ଉପଯୋଗ
୭. ନୂତନ ଜଳସେଚନ ପ୍ରଣାଳୀର ଉପଯୋଗ
୮. ଜୈବିକ କୀଟନାଶକ ପ୍ରୟୋଗ
୯. ଅନୁର୍ବର ଓ ପତିତ ଜମିକୁ ଚାରା ପ୍ରସ୍ତୁତ କରିବା ପାଇଁ ଉପଯୋଗ କରିବା
୧୦. କୁଟୀର ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେବା

ଗ୍ରାମର ଲୋକମାନଙ୍କ ଧାରଣା ଯେ ପରିବେଶ ସୁରକ୍ଷା ଓ ପରିବେଶ ସମ୍ବନ୍ଧୀୟ ବିଷୟ ଏମିତି ଜଟିଳ ଯେ ତାହା ଉପରେ କାମ କରିବା କେବଳ ସରକାରୀ ସଂସ୍ଥା ଓ ବିଜ୍ଞାନ ସଂସ୍ଥାଗୁଡ଼ିକ ବ୍ୟତୀତ ଅନ୍ୟମାନଙ୍କ ଦ୍ୱାରା ସମ୍ଭବ ନୁହେଁ। ଏଥିରୁ କେତେକ ସମସ୍ୟା ବିଷୟରେ ଗ୍ରାମବାସୀ ବା କ'ଣ କରିପାରିବେ ? ପ୍ରାଥମିକ ଶିକ୍ଷା, ପ୍ରଦୂଷଣ, ଜାଳେଣୀର ଦୂରୁପଯୋଗ, ଅଳିଆ ଆବର୍ଜନା, ପରିମଳ ଆଦି ପରିବେଶ ସହିତ ଜଡ଼ିତ ଅନେକ ବିଷୟ ଗ୍ରାମ୍ୟ ଜୀବନରେ ନିତିଦିନ ଆସେ। ଗ୍ରାମବାସୀଙ୍କର ସାଧାରଣ ଧାନ ଦ୍ୱାରା ଏହି ସବୁ ବିଷୟଗୁଡ଼ିକ ଉପରେ ସୁପ୍ରଭାବ ପଡ଼ିପାରେ।

## Sustainable Village Life

India has often been described as a rich land with poor people. It is no exception to the global phenomenon of environmental degradation. It is essential, apart from protecting the existing environment, to regenerate the already degraded environment to ensure sustainable development.

Ancient Indians listed five important environmental concerns called "Pancha Bhootha" i.e. Space, Air, Energy, Water and Land. They were treated with respect and even attained the status of God. Today at least four of these five concerns are threatened and threatening existence of the people, because of our exploitation and misuse of Air, energy, water and land.

For the conservation of these environmental components, protection and conservation of the environment is essential. It is also essential for the benefit of present and future generations. The role of villagers, their knowledge, innovation and practices are relevant to the conservation of biological diversity and the sustainable use of its components.

Regional Museum of Natural History, has set up this exhibition to increase consciousness and knowledge about the environment and the major environmental problems facing the Indian villages today. This exhibition "Sustainable Village Life" is designed to provide you an opportunity to explore the relationship between environmental protection and sustainable village life.

## Clean Air & Water

Air is a primary source for photosynthesis and respiration -two most fundamental processes on which the entire living world depends. Breathing dirty air can be dangerous, and at times deadly. The burning of fuel wood and cow dung cakes for cooking produces large amount of smoke and other air pollutants in the confined space of home, which pollute the indoor air. The burning of dry leaves and other litters, using diesel pump sets, emission from the near by factories pollute the outside air and causes many health problems.

Water is the necessity of life, not only for human beings, but also for plants and animals. Life began in water and it is a basic component of every living cell. Water accounts for 65% of our body weight. We need water in almost every domestic activity, from cooking and washing to bathing and sanitation.